भाकृअनुप - केंद्रीय चावल अनुसंधान संस्थान
**ICAR-Central Rice Research Institute, Cuttack-753006 (ODISHA)**
ଭା.କୃ.ଅନୁ.ପ. - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ - ୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୫ ମସିହା ଡିସେମ୍ବର ମାସ ଦ୍ୱିତୀୟ ପକ୍ଷ କାର୍ଯ୍ୟପନ୍ଥା

### ଶାରଦ ଧାନ

❖ ଚାଷୀଭାଇମାନେ ଏହି ମାସ ଶେଷ ସୁଦ୍ଧା ଧାନ କଟା କାମ ଶେଷ କରିଦିଅନ୍ତୁ । କ୍ଷେତରେ ଶତକଡା ୮୦-୮୫ ଭାଗ ଧାନ କେଣ୍ଡାରେ ପାଚିଗଲା ପରେ ଧାନକୁ ଦାଆ କିମ୍ବା କମ୍ବାଇନ୍ ହାର୍ଭେଷ୍ଟର କିମ୍ବା ରିପର ଦ୍ୱାରା କାଟି ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ବିହନ ପାଇଁ ୧୨ ଶତକଡ଼ା ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ଆର୍ଦ୍ରତାରେ ସାଇତି ରଖନ୍ତୁ ।

❖ ଅମଳ କରିଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଭର୍ତି କରି ସୁରକ୍ଷିତ ଜାଗାରେ ଭଲଭାବେ ଘୋଡେଇ ରଖନ୍ତୁ ଯେପରିକି ବର୍ଷାଦ୍ୱାରା କିଛି କ୍ଷତି ନ ହୁଏ ।

❖ ଧାନ ସାଇତି ରଖିଥିବା ବସ୍ତା ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାର୍‌ପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ଓ ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

❖ ଧାନ ଅମଳ ସମୟରେ ମୂଷା ମଧ କ୍ଷତି ଘଟାଇପାରେ । ମୂଷାକୁ ନିୟବଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ । ତା ପରଦିନ ଯେଉଁ ଗାତ ମୁହଁ ଖୋଲାଥିବ ସେ ଗାତରେ ଆଲୁମିନିୟମ୍ ଫସ୍‌ଫାଇଡ୍ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ) କନାରେ ବାନ୍ଧି ଗାତପିଛା ଗୋଟିଏ ରଖି ଗାତମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ ।

❖ ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଛି କି ଅମଳ ପରେ ବିଲରେ ଥିବା ପାଳ ବା ନଡାକୁ ନିଆଁ ଲଗାନ୍ତୁ ନାହିଁ ।ଏହାଦ୍ୱାରା ପରିବେଶର ଅନେକ କ୍ଷତି ହୋଇଥାଏ ।

### ଡାଲୁଅ ଧାନ

### ୨.୧ ରୁଆଧାନ

❖ ଡାଲୁଅ ଧାନ କରିବା ପାଇଁ ଅଧିକ ଅମଳକ୍ଷମ ଧାନ କିସମ ଯଥା ଧାନ ନବୀନ, ଶତାବ୍ଦୀ, ଉନ୍ନତ ଲଲାଟ, ସି.ଆର.ଧାନ ୨୦୩, ୨୦୫, ୨୦୬, ୨୦୯, ୨୧୦, ୨୧୨, ସି.ଆର.ଧାନ ୩୧୦, ୩୧୧, ୩୧୨, ୩୧୪, ୩୧୫, ୩୨୧, ୩୨୪, ୩୨୬, ୩୨୯, ସି.ଆର.ଧାନ ୮୦୫, ୮୦୭, ସି.ଆର.ଧାନ ୭୦୩ ଏବଂ ଉପକୂଳ ଲୁଣି ଅଂଚଳ ପାଇଁ ଲୁଣାସଂଖୀ କିସମ ବ୍ୟବହାର କରିପାରିବେ ।

- କାଦୁଅ ତଳିଘରା ପାଇଁ ୧୨୦ ସେ.ମି. ପ୍ରସ୍ଥ, ୧୦ ସେ.ମି. ଉଚ୍ଚତା ଓ ସୁବିଧା ଅନୁଯାୟୀ ଲମ୍ବା ତଳି ପଟାଳିମାନ ପ୍ରସ୍ତୁତ କରନ୍ତୁ । ଦୁଇ ତଳି ପଟାଳି ମଧ୍ୟରେ ୩୦ ସେ.ମି. ବ୍ୟବଧାନର ନାଳି ରଖନ୍ତୁ । ଏକ ଏକର ଜମିରେ ରୁଆ ଧାନ କରିବା ପାଇଁ ୩୨୦ ବର୍ଗମିଟର (୨ ଗୁଣ୍ଠ) ତଳିଘରା ପ୍ରସ୍ତୁତ କରନ୍ତୁ ।

- ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ଧାନ ବିହନ ପାଇଁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୧୦ ଗ୍ରାମ୍ ଟ୍ରାଇକୋଡର୍ମା ବିଶୋଧକ ବ୍ୟବହାର କରନ୍ତୁ । କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ନ ମିଳିବା କ୍ଷେତ୍ରରେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ କାପ୍‌ଟାନ୍ ୫୦% (କ୍ୟାପ୍ ଗୋଲ୍ଡ/ କାପ୍‌ତାରା) କିମ୍ବା ଥିୟାରାମ୍ ୭୫% (ଥିୟାରାମ୍ ୭୫% / ଥାଇରକ୍ସ) ବିଶୋଧକ ବ୍ୟବହାର କରନ୍ତୁ ।

- ତଳିଘରାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ । ଅପରାହ୍ନ ସମୟରେ ବୋରୱେଲ ଦ୍ୱାରା ତଳିଘରାରେ ଜଳସେଚନ କରନ୍ତୁ । ଅତ୍ୟଧିକ ଥଣ୍ଡା ହେଲେ ରାତିରେ ତଳିଘରାକୁ ପଲିଥିନ୍ ସାହାଯ୍ୟରେ ଘୋଡାଇ ରଖନ୍ତୁ ଏବଂ ଦିନ ବେଳେ ବାହାର କରିଦିଅନ୍ତୁ ।

- ଏକ ବର୍ଗମିଟର ତଳିଘରାରେ ମୂଳସାର ହିସାବରେ ୦.୫ କି.ଗ୍ରା. ସଢ଼ା ଗୋବର ଖତ ସହିତ ଯବକ୍ଷାରଜାନ:ଫସଫରସ୍: ପଟାସ୍ ସାରକୁ ୫: ୫ : ୫ ଗ୍ରାମ୍ ଅନୁପାତରେ ପ୍ରୟୋଗ କରନ୍ତୁ । ଏହା ସହିତ ୦.୫ ଗ୍ରାମ୍ ଜିଙ୍କ୍ ପ୍ରୟୋଗ କରନ୍ତୁ ।

- ତଳିଘରାକୁ ନାଳିରେ ପାଣି ମଡାନ୍ତୁ । ତଳି ଉପାଡିବାର ୨ ରୁ ୩ ଦିନ ପୂର୍ବରୁ ତଳିଘରାରେ ୨ ରୁ ୩ ସେ.ମି. ଠିଆ ପାଣି ରଖନ୍ତୁ ।

- ତଳିଘରାରେ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୩ ରୁ ୫ ଦିନ ପରେ ଘାସମରା ଔଷଧ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ % ଡବ୍ଲ୍ୟୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ (କିମ୍ବା ୨ ରୁ ୩ ପତ୍ରବିଶିଷ୍ଟ) ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. ୧୩୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ପ୍ରତି ୨୦୦ ବର୍ଗମିଟର ତଳିଘରା ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫%କୁ ୮୦୦ ମି.ଲି. କିମ୍ବା ଏକର ପିଛା କ୍ଲୋରାନ୍ଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ୪ କି.ଗ୍ରା. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା.କୁ ୧:୧ ବା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

- ଯଦି ଉକୁଣିଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ଆଜାଡିରାକ୍ଟିନ୍ ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୨୦୦ ମି.ଲି. କିମ୍ବା ଥାଇମିଥୋକ୍ସାମ୍ ୨୫% ଡବ୍ଲୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ତଳିଘରାରେ ମହିଷା ରୋଗ ଲକ୍ଷଣ ଦେଖାଦେଲେ ଏକର ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ୍ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲୁଜି. କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୩୦୦ ମି.ଲି. ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉ ଥରେ ପ୍ରୟୋଗ କରନ୍ତୁ ।
- ଧାନ ତଳିରେ ପତ୍ରପୋଡା ରୋଗ ଦେଖାଗଲେ ଏକର ପ୍ରତି କାର୍ବାଣ୍ଡେଜିମ୍ ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।
- ଠିକ୍ ସମୟରେ ରୁଆ କାମକରିବା ପାଇଁ ମୁଖ୍ୟ ଜମିକୁ ପୂର୍ବରୁ ପ୍ରସ୍ତୁତକରନ୍ତୁ ।

**(୨.୨)କାଦୁଅ ବୁଣା ଧାନ**

- ଗଜା ଧାନକୁ କାଦୁଅ ଜମିରେ ଡ୍ରମସିଡର କିମ୍ବା ଛଟା ବୁଣା କରି ଦିଅନ୍ତୁ ।

- ତଳି ଭଲ ବଢ଼ିବା ଏବଂ ଚେର ମାଟିକୁ ଧରିବା ପାଇଁ ଜମିରେ ପତଳା ପାଣିସ୍ତର ରଖନ୍ତୁ ।

- ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୩ ରୁ ୫ ଦିନ ପରେ ଘାସମରା ଔଷଧ ପାଇରାଜୋସଲଫ୍ୟୁରାନ୍- ଇଥାଇଲ ୧୦% ଡବ୍ଲୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ କିମ୍ବା ବେନ୍ସଲଫ୍ୟୁରାନ୍- ମିଥାଇଲ୍ ସହିତ ପ୍ରିଟିଲାକ୍ଲୋର ଦାନାଦାର ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲିସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ (କିମ୍ବା ୨ ରୁ ୩ ପତ୍ରବିଶିଷ୍ଟ) ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. ୧୩୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ବିଲରେ କାଦୁଅ କରିବା ସମୟରେ ମୂଳସାର ହିସାବରେ ଏକର ପ୍ରତି ୪୪ କି.ଗ୍ରା. ଡି.ଏ.ପି. ଏବଂ ୩୩ କି.ଗ୍ରା. ଏମ୍. ଓ.ପି. ପ୍ରୟୋଗ କରନ୍ତୁ ।

************